ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି


**ପତ୍ର ସଂ –୦୯୯/୨୦୨୩** **ସପ୍ତାହ- ୫୦** **ମଙ୍ଗଳବାର, ତାରିଖ ୧୨.୧୨.୨୦୨୩**

## ନୂଆପଡ଼ା ଜିଲ୍ଲା ପାଇଁ ପାଣିପାଗ ପୂର୍ବାନୁମାନ – ୧୩.୧୨.୨୦୨୩ ରୁ ୧୭.୧୨.୨୦୨୩ ପର୍ଯ୍ୟନ୍ତ:

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ପାଞ୍ଚ ଦିନ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ଅଛି । ଏହି ସମୟରେ ଆକାଶ ମେଘଶୂନ୍ୟ ରୁ ଆଂଶିକ ମେଘୁଆ ରହିବା ସହିତ ଉକ୍ତ ସମୟ ମଧ୍ୟରେ ପବନ ମୁଖ୍ୟତଃ ଉତ୍ତର-ପୂର୍ବ ରୁ ଦକ୍ଷିଣ-ପଶ୍ଚିମ ଦିଗ ଆଡୁ ଘଣ୍ଟା ପ୍ରତି ୦୦୩ – ୦୦୫ କି.ମି. ବେଗରେ ବହିବାର ଆଶଙ୍କା ଅଛି। ଏହି ସମୟରେ ଦିନ ର ସର୍ବାଧିକ ତାପମାତ୍ରା ୨୯ - ୩୦ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୧୫ – ୧୬ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୫୩ – ୬୬ % ଓ ୨୯ – ୩୮ % ରହିବ ବୋଲି ଆଶା କରାଯାଏ ।

| ଜିଲ୍ଲା | ତାରିଖ | ବର୍ଷା ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (°ସେ.) | ସର୍ବନିମ୍ନ ତାପମାତ୍ରା (°ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଅଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଅଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| ନୂଆପଡ଼ା | ୧୩-୧୨-୨୦୨୩ | ୦ | ୩୦ | ୧୬ | ୩ | ୬୬ | ୩୮ | ୩ | ୨୩୬ |
| | ୧୪-୧୨-୨୦୨୩ | ୦ | ୩୦ | ୧୫ | ୩ | ୬୬ | ୩୬ | ୪ | ୬୮ |
| | ୧୫-୧୨-୨୦୨୩ | ୦ | ୨୯ | ୧୫ | ୧ | ୬୩ | ୩୬ | ୫ | ୭୦ |
| | ୧୬-୧୨-୨୦୨୩ | ୦ | ୨୯ | ୧୫ | ୦ | ୫୬ | ୩୩ | ୪ | ୪୫ |
| | ୧୭-୧୨-୨୦୨୩ | ୦ | ୨୯ | ୧୫ | ୦ | ୫୩ | ୨୯ | ୪ | ୧୬୨ |

ଅଧିକ ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ବର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬

### ପାଣିପାଗ ଭିତ୍ତିକ କୃଷି ଉପଦେଶ

- ଧାନ ଅମଳ ପରେ ଜମିରେ ଥିବା ଅବଶେଷରେ ନିଆଁ ଲଗାନ୍ତୁ ନାହିଁ କାରଣ ଏହା ଦ୍ଵାରା ପରିବେଶ ଦୂଷିତ ହେବା ସହ ଶ୍ଵାସକ୍ରିୟା ଜନିତ ସ୍ୱାସ୍ଥ୍ୟ ସମସ୍ୟା ଉପୁଜି ଥାଏ। ସେହି ନଡ଼ାକୁ ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ। ଏହାଦ୍ଵରା ମାଟିର ଉର୍ବର ଶକ୍ତି ବଢ଼ିଥାଏ। ସେହି ନଡ଼ା ମଧ୍ୟ ମାଟିରୁ ଜଳୀୟଂଶ ବାଷ୍ପୀକରଣ କୁ ହ୍ରାସ କରିବା ସହ ମାଟିରେ ଥିବା ଜଳୀୟଂଶ କୁ ସଂରକ୍ଷଣ କରେ।
- ପନିପରିବା ଚାଷରେ ହୁଡ଼ା ଟେକି ଦିଅନ୍ତୁ ଓ ଅନାବନା ଘାସ ଓପାଡ଼ି ଦିଅନ୍ତୁ। ସମୟ ମୁତାବକ ଅନୁମୋଦିତ ସାର ପ୍ରୟୋଗ ପରେ ଜଳସେଚନ କରନ୍ତୁ।
- କୋବି ଜାତୀୟ ଫସଲରେ ପତ୍ରଖିଆ ପୋକ ର ଉପସ୍ଥିତି କୁ ସର୍ବଦା ନିରୀକ୍ଷଣ କରନ୍ତୁ। ଆର୍ଥିକ ଦେହଳି ସୀମା ରୁ ଅଧିକ ପୋକ ଦେଖା ଦେଲେ ପ୍ରତି ୩ ଲିଟର ପାଣିରେ ୧ ମି.ଲି ସ୍ପିନୋସାଡ କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।

### ଧାନ :

- ଜମିରେ ଧାନ ଶତକଡ଼ା ୮୦ ରୁ ୮୫ ଭାଗ ପାଚିଗଲେ ଅମଳ କରିଦିଅନ୍ତୁ। ଅମଳ ପରେ ଧାନକୁ ଭଲ ଭାବରେ ଖରାରେ ଶୁଖାଇ ସାଇତି ରଖନ୍ତୁ। ଧାନରେ ସର୍ବାଧିକ ଶତକଡ଼ା ୧୨ ରୁ ୧୪ ପ୍ରତିଶତ ଆର୍ଦ୍ରତା ରହିଲେ ଧାନକୁ ଅଧିକ ଦିନ ସଂଚୟ କରି ରଖି ହେବ । ଧାନ ଅମଳ କରିବାର ୧୫ ଦିନ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରି ଦିଅନ୍ତୁ।
- ଅମଳ ହେଇଥିବା ଧାନ କୁ ଅଧିକ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରଖିବା ପାଇଁ "ସୁପର ଗ୍ରେନ ବେଗ" ର ବ୍ୟବହାର କରନ୍ତୁ । ପ୍ରତ୍ୟେକ କିସମ କୁ ଅଲଗା ଅଲଗା କରି ସଂଗ୍ରହ କରନ୍ତୁ ଯଦ୍ଵାରା ଭଲ ଦାମ୍ ରେ ବିକ୍ରି ହେଇପାରିବ।
- ଧାନ ସାଇତି ରଖିଥିବା ବସ୍ତା ବା କୋଠରୀରେ ପୋକ ଦେଖାଦେଲେ ଆଲୁମିନିୟମ ଫସଫାଇଡ ଟାବଲେଟ ଏକ ଟନ ପିଛା ୩ଟି ଟାବଲେଟ (ସମୁଦାୟ ୯ ଗ୍ରାମ ଟାବଲେଟ) କନାରେ ଗୁଡ଼ାଇ ରଖନ୍ତୁ। ଏହା ଉପରେ ଭଲଭାବେ ତାରପୋଲିନ ଘୋଡ଼ାଇ ଦିଅନ୍ତୁ ଯେପରିକି କିଛି ଫାଙ୍କାଜାଗା ନ ରୁହେ। ଯଦି କୋଠରୀର ସନ୍ଧି ଜାଗା କିମ୍ବା କବାଟ ତଳ ଫାଙ୍କାଜାଗା ଥାଏ ତେବେ କାଦୁଅ କିମ୍ବା ସେଲୋଟେପ ଦେଇ ଭଲଭାବେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ। ଏହି ପରି ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠରୀ ବା ବସ୍ତା ର ମୁହଁ ଭଲଭାବରେ ବନ୍ଦ ରଖନ୍ତୁ। ଲୋକ ଚଳପ୍ରଚଳ କରୁଥିବା ଜାଗାରେ ଏଭଳି ଔଷଧ ପ୍ରୟୋଗ କରନ୍ତୁ ନାହିଁ।
- ଧାନ ଅମଳ ସମୟରେ ମୂଷା ମଧ୍ଯ କ୍ଷତି ଘଟାଇ ପାରେ। ମୂଷାକୁ ନିୟନ୍ତ୍ରଣ କରିବା ପାଇଁ ମୂଷା ଗାତକୁ ଚିହ୍ନଟ କରି ତା ଉପରେ କାଦୁଅ ଲିପି ଗାତ ବନ୍ଦ କରିଦିଅନ୍ତୁ। ତା ପରଦିନ ଯେଉଁ ଗାତ ମୁହଁ ଖୋଲା ଥିବ ସେ ଗାତରେ ଆଲୁମିନିୟମ ଫୋସଫାଇଡ ୬% ବଟିକା (ଗୋଟେ ବଟିକା ୧୨ ଗ୍ରାମ ) କନାରେ ବାନ୍ଧି ଗାତପିଛା ଗୋଟିଏ ରଖି ଗାତ ମୁହଁକୁ କାଦୁଅରେ ବନ୍ଦ କରିଦିଅନ୍ତୁ।
- ବର୍ଷା ପରେ ଖରାଟିଆ ପାଗରେ କେଣ୍ଡାକଟା ସଂବାଳୁଆ ପୋକ ଦେଖା ଦେବାର ସମ୍ଭାବନା ରହିଛି। ଏହି ପୋକ ଦେଖା ଦେଲେ ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଏକ ଲିଟର ପାଣିରେ ୨.୫ ମି.ଲି କ୍ଲୋରୋପାଇରିଫୋସ ୨୦% ଇ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।

### କପା :

- ଅମଳ ସମାପ୍ତ ହେବା ପରେ ପୋକ ଏବଂ ରୋଗ ଦ୍ବାରା ଆକ୍ରାନ୍ତ ହୋଇଥିବା ଫଳ ଓ ଗଛକୁ ଜମିରୁ ବାହାର କରି ନଷ୍ଟ କରି ଦିଅନ୍ତୁ ।
- କପା ଫୁଟିବା ଆରମ୍ଭ ହୋଇ ଥିବାରୁ ସମ୍ପୂର୍ଣ୍ଣ ଫୁଟିଥିବା ବକରାରୁ କପା ତୋଳନ୍ତୁ ।

- ତୋଳିଥିବା କପାକୁ ସିମେଣ୍ଟ ଚଟାଣ କିମ୍ବା ତାରପଲିନ ଉପରେ ଭଲ ଭାବରେ ଶୁଖାନ୍ତୁ ଯେପରିକି ଏହାର ଆଦ୍ରତା ୮ -୧୦ % ଭିତରେ ରହିବ। ପ୍ରଥମରେ ତୋଳା ହୋଇଥିବା କପାକୁ ଅଲଗା କରି ସାଇତି ରଖନ୍ତୁ ଯାହାକି ଭଲ ଦାମରେ ବିକ୍ରି ହେବ ।
- ସର୍ବନିମ୍ନ ସହାୟକ ମୂଲ୍ୟ (ଦୀର୍ଘ ତନ୍ତୁ କପା - ୭୦୨୦ ଟଙ୍କା ପ୍ରତି କୁଇଣ୍ଟାଲ ) ପାଇବା ପାଇଁ ତୋଳି ସାରିଥିବା କପା କୁ ନିକଟସ୍ଥ ମଣ୍ଡି ରେ ବିକ୍ରି କରନ୍ତୁ।

**ଚିନାବାଦାମ:**

- ଚିନାବାଦାମ ପାକଳ ହୋଇଗଲେ ଅର୍ଥାତ୍ ଚୋପା ରେ ଜଳୀୟ ଅଂଶ ୩୦ ରୁ ୪୦ ପ୍ରତିଶତ ଥିଲେ ତାହାକୁ ତୁରନ୍ତ ଅମଳ କରି ୩ ଦିନ ପର୍ଯ୍ୟନ୍ତ ଖରା ରେ ଶୁଖାଇ ଦିଅନ୍ତୁ ଯେମିତିକି ଜଳୀୟ ଅଂଶ ୧୦ ପ୍ରତିଶତ କୁ କମିଯିବ ଏବଂ ଚିନାବାଦାମ କୁ ସୁରକ୍ଷିତ ସଞ୍ଚୟ କରି ରଖି ହେବ।
- ରବି ଋତୁରେ ଚିନାବାଦାମ ଚାଷ ପାଇଁ ବର୍ତମାନ ଉପଯୁକ୍ତ ସମୟ। ମଞ୍ଜି ବୁଣିବା ପୂର୍ବରୁ ପ୍ରତି ଏକ କିଲୋଗ୍ରାମ ମଞ୍ଜିକୁ ୩-୩.୫ ଗ୍ରାମ କାର୍ବେନ୍ଡାଜିମ୍ ୨୫% + ମାଙ୍କୋଜେବ ୫୦% ଡବ୍ଲୁ.ଏସ୍ ଦ୍ୱାରା ବିହନକୁ ବିଶୋଧନ କରନ୍ତୁ ଏବଂ ବୁଣିବା ସମୟରେ ପ୍ରତି ୨୫ କିଲୋଗ୍ରାମ ମଞ୍ଜି କୁ ୫୦୦ ଗ୍ରାମ ଅଥବା ୨୫୦ ମିଲିଗ୍ରାମ ରାଇଯୋବିୟମ୍ କଲଚର୍ ଦ୍ୱାରା ବିହନକୁ ବିଶୋଧନ କରନ୍ତୁ।
- **ଏକର ପ୍ରତି ବିହନ ପରିମାଣ** - ୪୦ ରୁ ୫୦ କିଲୋଗ୍ରାମ ଚୋପାଛଡ଼ା ବିହନ ।
- **ଉପଯୁକ୍ତ କିସମ** - ଦେବୀ (ଆଇସିଜିଭି ୯୧୧୧୪), କଦେରୀ-୬, କଦେରୀ-୯, ଟିଏଜି-୫୧, ଟିଏମଭି -୨, ସ୍ମୃତି (ଓଜି ୫୨-୧), ସିଓ-୭, ଧରଣୀ ଇତ୍ୟାଦି,।
- **ଖାଦ୍ୟସାର ପରିଚାଳନା** – ବିହନ ବୁଣିବା ବେଳେ ଏକର ପ୍ରତି ୪୦ କିଲୋଗ୍ରାମ ଡି.ଏ.ପି, ୨୫ କିଲୋଗ୍ରାମ ଏମ୍.ଓ.ପି ଓ ୧୨ କିଲୋଗ୍ରାମ ଗନ୍ଧକ ସାର ପ୍ରୟୋଗ କରନ୍ତୁ ।

**ହରଡ଼ :**

- ଫଳ ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ୫ ମି.ଲି. ଡେଲଟାମେଥରିନ୍ ୨.୮% ଇ.ସି. କିମ୍ବା ୧.୫ ମି.ଲି. ସ୍ପିନୋସାଡ ୪୫% ଏସ.ସି କିମ୍ବା ୧ ମି.ଲି. ଫ୍ଲୁବେଣ୍ଡିଆମାଇଡ ୩୯.୩୫ % ଏସ୍.ସି କୁ ପାଞ୍ଚ ଲିଟର ପାଣିରେ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- ଜଉ ପୋକ କୁ ନିୟନ୍ତ୍ରଣ କରିବା ପାଇଁ ପ୍ରତି ୫ ଲିଟର ପାଣିରେ ୧ ଗ୍ରା. ଥିଓମେଥୋକ୍ସମ୍ ୨୫ ଡବ୍ଲ୍ୟୁ.ଜି ନଚେତ ପ୍ରତି ୧୦ ଲିଟର ପାଣିରେ ୩ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କୁ ମିଶ୍ରିତ କରି ସିଂଚନ କରନ୍ତୁ ।

**ପନିପରିବା :**

ଟମାଟୋ

- **ଖାଦ୍ୟସାର ପରିଚାଳନା**: ଅଧିକ ଅମଳକ୍ଷମ କିସମ ପାଇଁ ଏକର ପ୍ରତି ଡିଏପି ୬୬ କି.ଗ୍ରା., ୟୁରିଆ ୮୦ କି.ଗ୍ରା. ଓ ୩୩ କି.ଗ୍ରା. ପୋଟାସ ସାର ଆବଶ୍ୟକ। ଏକ ତୃତୀୟାଂଶ ୟୁରିଆ + ପୁରା ମାତ୍ରାର ଡିଏପି + ଅର୍ଦ୍ଧେକ ପୋଟାସ ସାର କୁ ଚାରା ଲଗାଇଲା ବେଳେ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ।
- ଗଛର ସଅଳ ବୃଦ୍ଧି ଓ ଅଧିକ ଅମଳ ନିମନ୍ତେ ୩.୫ ମି.ଲି ଜିବେରେଲିକ୍ ଏସିଡ ୦.୦୦୧% ଏଲ୍ କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ମଞ୍ଜି ବୁଣିବାର ୪୫ ଓ ୬୦ ଦିନ ପରେ ସିଞ୍ଚନ କରନ୍ତୁ।

ଫୁଲ କୋବି ଓ ବନ୍ଧା କୋବି

- **ଖାଦ୍ୟସାର ପରିଚାଳନା**: ଏକର ପ୍ରତି ଡିଏପି ୨୫ କି.ଗ୍ରା., ୟୁରିଆ ୧୫ କି.ଗ୍ରା.,୧୦ କି.ଗ୍ରା. ପୋଟାସ ଓ ୫ କି.ଗ୍ରା. ବୋରାକ୍ସ ସାରକୁ ଚାରା ପ୍ରତିରୋପଣ ସମୟରେ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ।
- ଠିକିରି ପିଠିଆ ପ୍ରଜାପତି ପୋକର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି ଫିପ୍ରୋନିଲ୍ ୫% ଏସ.ସି କିମ୍ବା ୪ ମି.ଲି କ୍ଲୋରୋପାଇଫୋସ୍ ୨୦ % ଇ.ସି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ।
- ତମ୍ବାଖୁ ପତ୍ରଖିଆ ପୋକର ନିୟନ୍ତ୍ରଣ ପାଇଁ ୬ ମି.ଲି ସିନଟ୍ରାନିଲିପ୍ରୋଲ ୧୦.୨୬% ଓ.ଡି କୁ ୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ଗଛର ସଅଳ ବୃଦ୍ଧି ଓ ଅଧିକ ଅମଳ ନିମନ୍ତେ ୩.୫ ମି.ଲି ଜିବେରେଲିକ୍ ଏସିଡ ୦.୦୦୧% ଏଲ୍ କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ମଞ୍ଜି ବୁଣିବାର ୪୫ ଓ ୬୦ ଦିନ ପରେ ସିଞ୍ଚନ କରନ୍ତୁ।

ଲଙ୍କା

- **ଅଧିକ ଅମଳକ୍ଷମ କିସମ**-ଉତ୍କଳ ଆଭା, ଉତ୍କଳ ରଶ୍ମି, ଉତ୍କଳ ରାଗିଣୀ, ପୁସା ଜ୍ୱାଲା, ପୁସା ସଦାବାହାର ।
- **ସଂକର କିସମ**- ଜ୍ୟୋତି, ଅଗ୍ନିରେଖା, ରୋଷନୀ, ତେଜସ୍ୱିନୀ ଇତ୍ୟାଦି।
- **ଏକର ପ୍ରତି ବିହନ ପରିମାଣ** - ଅଧିକ ଅମଳକ୍ଷମ କିସମ- ୨୦୦ ଗ୍ରା ଓ ସଙ୍କର କିସମ-୧୦୦ ଗ୍ରା. ।

**ପଶୁପାଳନ**

- କ୍ଷୀର ଦେଉଥିବା ପଶୁ ମାନଙ୍କୁ ଅଧିକ ଉତ୍ପାଦନ ନିମନ୍ତେ ପର୍ଯ୍ୟାପ୍ତ ଦାନା ଦିଅନ୍ତୁ।
- ପଶୁ ମାନଙ୍କୁ ସବୁଜ ଘାସ, ନଡ଼ା, ଶୁଖିଲା ଖାଦ୍ୟ ସହିତ ପରିଷ୍କାର ପାଣି ଯୋଗାଇ ଦିଅନ୍ତୁ । ମୁହଁ ଓ ଖୁରା ରୋଗ ପାଇଁ ପ୍ରତିଷେଧକ ଟୀକା ପ୍ରଦାନ କରନ୍ତୁ।
- ବିଶେଷ କରି ଶୀତ ଦିନ ରାତିରେ କୁକୁଡ଼ା ଚିଆଁ ମାନଙ୍କୁ ଉତ୍ତାପ ପ୍ରଦାନ ପାଇଁ ବ୍ୟବସ୍ଥା କରନ୍ତୁ ଯଦ୍ୱାରା ସେମାନଙ୍କର ମରଣଶୀଳତା ହ୍ରାସ ପାଇବ । କୁକୁଡ଼ା ଘର କୁ ସଫା ରଖନ୍ତୁ ଓ ରହିବା ପାଇଁ ଶୁଖିଲା ଉପାଦାନ ମାନ ଯୋଗାଇ ଦିଅନ୍ତୁ।

- ଛେଳି ମାନଙ୍କୁ ଥଣ୍ଡା ପବନ ଓ ସନ୍ତସନ୍ତିଆ ଚଟାଣ ଠାରୁ ସୁରକ୍ଷା ପ୍ରଦାନ କରନ୍ତୁ।

ନୋଡାଲ ଅଫିସର
ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**